# ନୀଳକନ୍ଦରସ୍ଥ ଶ୍ରୀମନ୍ଦିର ଚୂଡ଼ାରେ ଶ୍ରୀନୀଳଚକ୍ର

ଡକ୍ଟର ରମାକାନ୍ତ କର

ଶ୍ରୀଜଗନ୍ନାଥ ସଂସ୍କୃତିର ଐତିହ୍ୟ, ପରମ୍ପରା ତଥା ବୈଶିଷ୍ଟ୍ୟକୁ ନେଇ ବିଶ୍ୱ ସଂସ୍କୃତିରେ ସ୍ୱତନ୍ତ୍ର ସ୍ଥାନ ରକ୍ଷା କରିଛି । ହିନ୍ଦୁଧର୍ମ ପରମ୍ପରାରେ ମୁଖ୍ୟ ପୀଠ ଭାବରେ ନୀଳଗିରି ପର୍ବତସ୍ଥ ନୀଳାଚଳ ଅଞ୍ଚଳରେ ନୀଳାଚଳ ନାଥ ଶ୍ରୀଜଗନ୍ନାଥଙ୍କର ଶ୍ରୀମନ୍ଦିର ଅବସ୍ଥିତ । ଏହି ନୀଳାଚଳ ନାଥଙ୍କର ରତ୍ନ ସିଂହାସନ ଉପରେ ଆୟୁଧ ସୁଦର୍ଶନ ଚକ୍ର ଖମ୍ବାକାର ଥିବା ସ୍ଥଳେ ଶ୍ରୀମନ୍ଦିର ଚୂଡାରେ ହିଁ ନୀଳଚକ୍ର ନାମରେ ବିଖ୍ୟାତ ହୋଇଛନ୍ତି । କୌଳାଚାର ମତରେ ଶ୍ରୀଜଗନ୍ନାଥଙ୍କୁ ନୀଳତନ୍ତ୍ର ଅନୁସାରେ ଭୈରବ ଓ ମା' ବିମଳାଙ୍କୁ ଭୈରବୀ ଭାବରେ ପରିକଳ୍ପନା କରାଯାଇଛି । ରତ୍ନସିଂହାସନର ନିମ୍ନରେ ଥିବା ଗୂଢ ଶ୍ରୀଚକ୍ର ହିଁ ଶ୍ରୀମନ୍ଦିର ଚୂଡାରେ ନୀଳଚକ୍ର ଭାବରେ ବିଦ୍ୟମାନ । ଶ୍ରୀମନ୍ଦିରର ସୁରକ୍ଷା ପାଇଁ ନୀଳଚକ୍ର ସଦାସର୍ବଦା ପୂଜିତ । ତନ୍ତ୍ର ମତାନୁସାରେ ନୀଳଚକ୍ର ବିନା ପ୍ରଭୁଙ୍କର ଅମୃତ ମଣୋହି ଅସମ୍ଭବ । ଏହି ଭୈରବ-ଭୈରବୀ ତନ୍ତ୍ର ଅନୁସାରେ ସର୍ବଭାରତୀୟ ସ୍ତରରେ ବିଷ୍ଣୁ ମନ୍ଦିର ଓ ଦେବୀ ମନ୍ଦିର ଚୂଡାରେ ନୀଳଚକ୍ର ଶୋଭିତ ହେବାର ବିଧି ରହିଛି । ନୀଳଚକ୍ର ଓ ସୁଦର୍ଶନ ଚକ୍ର ଏ ଦୁହେଁ ଭିନ୍ନ ହୋଇଥିଲେ ହେଁ ଅଭିନ୍ନ । ନୀଳଚକ୍ର ସମ୍ବନ୍ଧରେ ଭାଗବତ କହେ-

''ପରମ ପୁରୁଷ ଦେଉଳ । ନୀଳଚକ୍ର ଯେ ଶୂନ୍ୟସ୍ଥଳ । ନେତ ଯେ ବ୍ରହ୍ମା, ବିଷ୍ଣୁ, ହର । ଉଡୁଣ ଅଛି ଫର ଫର ଦେଉଳେ ବ୍ରହ୍ମାଣ୍ଡ ଗୋସାଇଁ । ବୁଦ୍ଧ ସ୍ୱରୂପେ ବିହରଇ''



ପୁଣି ମଧ ନୀଳଚକ୍ର ଗ୍ରନ୍ଥରେ ପର୍ଶୁରାମ ମହାପାତ୍ର ଗାଇଛନ୍ତି-

''ବୈକୁଣ୍ଠ ବିହାରୀଠାରୁ ନିଶ୍ଚେ ବଡ ତୁହି ।
ଏଣୁ ଶ୍ରୀମନ୍ଦିର ଚୂଳେ ଅଛୁ ସିନା ରହି
ପ୍ରଭୁଙ୍କ ଦର୍ଶନ ପାଇ ନପାରି ଭକତ
ତୋ ରୂପ ନିରେଖି ମନେ ହୁଏ କୃତ୍ୟ କୃତ୍ୟ''

ପୌରାଣିକ ମତ ଅନୁସାରେ (ମତ୍ସ୍ୟ ପୁରାଣ) ସୂର୍ଯ୍ୟଙ୍କର ପ୍ରଚଣ୍ଡ ତେଜ ସହି ନପାରି ବିଶ୍ୱକର୍ମାଙ୍କ ଅନୁରୋଧକ୍ରମେ ନିଜ ତେଜ ପୁଞ୍ଜରୁ କିଛି ବିଶ୍ୱକର୍ମାଙ୍କୁ ପ୍ରଦାନ କରି ନିଜେ ଲୋକାନନ୍ଦ ହୋଇପାରିଥିଲେ । ବିଶ୍ୱକର୍ମା ଏହି ତେଜ କୁଞ୍ଜରୁ ନୀଳମଣି ତେଜକୁ ଉଦ୍ଧାର କରି ସେଥିରେ ସୁଦର୍ଶନ ଚକ୍ର ନିର୍ମାଣ କରି ବିଷ୍ଣୁଙ୍କୁ ଆୟୁଧ ରୂପେ ପ୍ରଦାନ କରିଥିଲେ । ଏକ କିମ୍ବଦନ୍ତୀ ଅନୁସାରେ ଦକ୍ଷିଣ ହସ୍ତରେ ଥିବା ସୁଦର୍ଶନଙ୍କର ଅହମିକା ଯୋଗୁଁ ଓ ହନୁମାନଙ୍କୁ ପ୍ରଭୁଙ୍କ ନିର୍ଦ୍ଦେଶରେ ପ୍ରବେଶକୁ ବାଧା ଦେଇ ହନୁମାନ ଅଷ୍ଟଭୁଜ ଧାରଣ କରି ଚାରି ଭୁଜରେ ଚାରିଚକ୍ର ଧାରଣ କରି ଚାରିଦ୍ୱାର ବାଧାକୁ ଏଡାଇ ପ୍ରଭୁଙ୍କ ଦର୍ଶନ କଲେ । ସୁଦର୍ଶନଙ୍କର ଅହମିକାକୁ ଚୂର୍ଣ୍ଣ କରିବା ପାଇଁ ତାଙ୍କ ଡାହାଣ ହାତରେ ଚକ୍ରକୁ ସ୍ତମ୍ଭ ଆକାରରେ ବାମହାତ ପାର୍ଶ୍ୱରେ ରଖିଲେ । ପରେ ସୁଦର୍ଶନ ନିଜର ଭୁଲ ବୁଝିପାରି ପ୍ରଭୁଙ୍କୁ ପ୍ରାର୍ଥନା କରିବାରୁ ପ୍ରଭୁ ତାଙ୍କୁ ଶ୍ରୀମନ୍ଦିର ଚୂଡାରେ ବସାଇ ସମସ୍ତ ପାପତାପ ହରଣ କରିବାର ଶକ୍ତି ପ୍ରଦାନ କରି

ତାଙ୍କୁ ସନ୍ତୁଷ୍ଟ କରାଇଲେ । ସେହି ହନୁମାନ ମଧ ପ୍ରଭୁଙ୍କ ଦର୍ଶନ ପାଇଁ ଉତ୍ତର ଦ୍ୱାର ପାର୍ଶ୍ୱରେ ତପସ୍ୱୀ ହନୁମାନ ଭାବରେ ପୂଜିତ ହେଉଛନ୍ତି । ଏଣୁ କୁହାଯାଇଛି–

''ପ୍ରଭୁଙ୍କ ଆଜ୍ଞାରେ ଚକ୍ର ଶୂନ୍ୟକୁ ଗମଇ ।
ଦେଉଳ ଉପରେ ବସେ ମୂର୍ତ୍ତିମନ୍ତ ହୋଇ ।।''

ନୀଳଚକ୍ରର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ ଦ୍ୱାଦଶ ଶତାବ୍ଦୀରେ ଅନଙ୍ଗଭୀମ ଦେବ (୩ୟ)ଙ୍କ ଦ୍ୱାରା ଶେଷ ହୋଇଥିବା ଶ୍ରୀମନ୍ଦିରର ଚୂଡାରେ ନୀଳଚକ୍ର ଅବସ୍ଥାନ କରିଥିଲେ । ବହୁ ରାଜାଙ୍କର ଆକ୍ରମଣ, ପ୍ରାକୃତିକ ବିପର୍ଯ୍ୟୟ, ବାତ୍ୟା ଓ ଝଡ ତୋଫାନାଦି ବହୁ ଘାତପ୍ରତିଘାତ ମଧ୍ୟରେ ଅଦ୍ୟାବଧି ପ୍ରଭୁ ନୀଳଚକ୍ର ସ୍ଥିତି ବଜାୟ ରଖି ପାରିଛନ୍ତି । ପ୍ରଥମ କରି ରକ୍ତବାହୁ ଶ୍ରୀମନ୍ଦିରକୁ ଆକ୍ରମଣ କରିବାର ୧୪୬ ବର୍ଷ ପରେ ସୋମବଂଶର ରାଜା ମହାଶିବଗୁପ୍ତ ଯଯାତି (୧ମ)ଙ୍କ ରାଜତ୍ୱ କାଳରେ ପୁରୁଷୋତ୍ତମଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିଥିଲେ । ଏହା କାଳକ୍ରମେ ଧ୍ୱଂସ ପାଇବା ପରେ ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଅନନ୍ତ ବର୍ମନ୍ ଚୋଡଗଙ୍ଗ ଦେବ ଶ୍ରୀମନ୍ଦିର ନିର୍ମାଣ ଶୁଭାରମ୍ଭ କରି ବିଦାୟ ନେବା ପରେ ମାଦଳାପାଞ୍ଜି ବର୍ଣ୍ଣନାନୁଯାୟୀ ଅନଙ୍ଗଭୀମ ଦେବ (୩ୟ) ମନ୍ଦିର ନିର୍ମାଣକୁ ପରିପୂର୍ଣ୍ଣ କରି କଳସୀ ଉପରେ ନୀଳଚକ୍ର ସ୍ଥାପନ କରିଥିଲେ ।

ଏହି ନୀଳଚକ୍ର ମନ୍ଦିରକୁ ସୁରକ୍ଷା କରିବା ପାଇଁ ବିଜ୍ଞାନ ଭିତ୍ତିରେ ଏକ ଆର୍ଥିଂ ଚାରି ଫୁଟ ଅଧ ଇଞ୍ଚ ଓସାରର ଏକତମ୍ବା ପାଟିଆ ନୀଳଚକ୍ର ସହିତ ସଂଯୁକ୍ତ ହୋଇ ଦକ୍ଷିଣ ପାର୍ଶ୍ୱରେ ଥିବା ବିମଳା ମନ୍ଦିର ପାର୍ଶ୍ୱ କୂଅରେ ପଡିଥିଲା । ଏହା ମନ୍ଦିରର ପଥରକୁ ରକ୍ଷା କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟରୁ ଶ୍ରୀମନ୍ଦିରକୁ ରକ୍ଷା କରୁଥିଲା । ନୀଳଚକ୍ର ବାହ୍ୟଚକ୍ର ଓ ଅନ୍ତଃଚକ୍ର ଭେଦରେ ଦୁଇ ରୂପରେ ବିଦ୍ୟମାନ । ବାହ୍ୟଚକ୍ରର ପରିଧି ୩୬ଫୁଟ, ଅନ୍ତଃ ଚକ୍ରର ପରିଧି ୧୦ ଫୁଟ । ଏହି ଦୁଇଚକ୍ରକୁ ୮ଟି ଅର ସଂଯୁକ୍ତ କରୁଛି । ପ୍ରତ୍ୟେକ ଅରର ଦୈର୍ଘ୍ୟ ୧ଫୁଟ୧୦ଇଞ୍ଚ ଓ ମୋଟା ୨ଇଞ୍ଚ । ବଡଦାଣ୍ଡରୁ ଶ୍ରୀମନ୍ଦିରର ଉଚ୍ଚତା ୨୧୪ ଫୁଟ ଥିବାବେଳେ ୨ଫୁଟ୍ ଅଢେଇ ଇଞ୍ଚ୍ ବ୍ୟାସର ଏକ ବୃତ୍ତାକାର ଶୂନ୍ୟସ୍ଥାନ ରହିଛି । ନୀଳଚକ୍ରଟି ଶ୍ରୀମନ୍ଦିର ବେଢାରୁ ପ୍ରାୟ ୧୯୪ଫୁଟ୍ ଉଚ୍ଚରେ । ପ୍ରତ୍ୟହ ସଂଧ୍ୟା ୫ଟାରେ ଧ୍ୱଜାବନ୍ଧା ହୁଏ । ଏହି ଚକ୍ରର ସେବକ ଚୂନେରା ପ୍ରାୟ ୭ମିନିଟରେ ମନ୍ଦିରକୁ ଅତିକ୍ରମ କରି, ଚଢି ଧ୍ୱଜା ବାନ୍ଧି ପାରନ୍ତି । ବାଟରେ ଯାଉଥିବା ଶ୍ରଦ୍ଧାଳୁ ଭକ୍ତମାନେ ନୀଳଚକ୍ର ଦର୍ଶନ କରି ଶୁଭଫଳ ଲାଭ କରନ୍ତି ।

ଗୁଡିଆ ସାହି, ପୁରୀ–୧

# ଅମୃତ ପରଶ

ନିବେଦିତା ଭଞ୍ଜ



ଦେହ ସିନା ବହୁ ଦୂରେ
ମନ ଅଛି ତୁମ ପାଶେ
ଜାଳୁଛି ଜାଗର ଦୀପ
ମନର ଶରଧା ବାଲିରେ... ।
ଫୁଟାଇ ଅନେକ ଫୁଲ
ହୃଦୟ କାନନେ
ଗୁନ୍ଥିଛି ବିଜୟମାଳା
ଲେପ ଦେଇ କର୍ପୂର ଚନ୍ଦନେ... ।
ଭାବନାର ଧୂପଦୀପ
ନୈବେଦ୍ୟ ଯେତେ
ଜପି ଜପି ପ୍ରୀତି ମନ୍ତ୍ର
ଅନୁଭବ କରିଛି ମୁଁ କେତେ... ।

ପହଣ୍ଡିତ ସରିଲାଣି
ବେଳ ହେଉଛି ଉଚ୍ଛୁର
ଗଡିଲାଣି ତାଳଧ୍ୱଜ
ଦେବଦଳନ ତତ୍ପର... ।
ପ୍ରତୀକ୍ଷାର ନନ୍ଦିଘୋଷେ ବସି
ଆସ ହେ ରସିକ
ଉନ୍ମାଦିତ ହେଉଛି ଧରଣୀ
ବିଭୋର ପବନରେ
ଉଡେ ଧୂଳି କଣା
ପାଇବାକୁ ଅମୃତ ପରଶ... ।

୮୬, ସତ୍ୟନଗର, ଭୁବନେଶ୍ୱର